# ବୈଜ୍ଞାନିକ ହେବି - ରାଜଶେଖର ମହାପାତ୍ର

## ଏକ ସାକ୍ଷାତକାର

(ଆଇଆଇଟି ସର୍ବଭାରତୀୟ ପରୀକ୍ଷାରେ ୨୭୮ ର୍ୟାଙ୍କ୍ ରଖିଥିବା ରାଜଶେଖର ମହାପାତ୍ର ବୈଜ୍ଞାନିକ ହେବାକୁ ଇଚ୍ଛା କରନ୍ତି। ସେ ତାଙ୍କର ଛାତ୍ରଜୀବନରେ ଅନେକ ପୁରସ୍କାର ପାଇଛନ୍ତି ଯଥା- ଏନ୍‌ଟିଏସଇ(୨୦୦୯-୧୦),ଜେଏମଓ(୨୦୦୯)-ଦ୍ୱିତୀୟ ରାଜ୍ୟସ୍ତରରେ, ଇଣ୍ଟର ନ୍ୟାସନାଲ୍ ଜୁନିୟର ସାଇନ୍ସ ଅଲମ୍ପିଆଡ ଦେଶରେ ଟପ୍ ୩୫ ମଧ୍ୟରେ, କିଶୋର ବୈଜ୍ଞାନିକ ପ୍ରେତ୍ସାହନ ଯୋଜନା-୨୦୧୨ ସର୍ବଭାରତୀୟ ର୍ୟାଙ୍କ ୫୨ ଏବଂ ରାଜ୍ୟସ୍ତରରେ ୦୩, ଇଣ୍ଡିଆନ୍ ନ୍ୟାସନାଲ ଫିଜିକ୍ସ ଅଲିମ୍ପିଆଡ୍ - ୨୦୧୪ ଦେଶର ୩୫ଜଣଙ୍କ ମଧ୍ୟରେ, ଇଣ୍ଡିଆନ୍ ନ୍ୟାସନାଲ କେମେଷ୍ଟ୍ରି ଅଲିମ୍ପିଆଡ୍ - ୨୦୧୪ ଦେଶର ୩୫ଜଣଙ୍କ ମଧ୍ୟରେ, ଜେଇଇ ମେନ୍ ରାଜ୍ୟରେ ସର୍ବାଧିକ ନମ୍ବର, ଜେଇ ଆଡଭାନ୍ସ -୨୦୧୪ରେ ୨୭୮ ର୍ୟାଙ୍କ ଏବଂ ରାଜ୍ୟସ୍ତରରେ ୪ର୍ଥ ଏହା ସହିତ ଆଇଆଇଟି ଟ୍ୟାଲେଣ୍ଟ ହଣ୍ଟ ଟେଷ୍ଟରେ ରାଜ୍ୟରୁ ତିନିଥର ୨୦୦୯, ୨୦୧୦.ଏବଂ ୨୦୧୧ରେ ରାଜ୍ୟ ଟପର୍। ବିଦ୍ୟାଳୟରେ ସେ ଅନେକ ପୁରସ୍କାର ଲାଭ କରିଛନ୍ତି। ସେ ଆଇଆଇଟିରେ ନିଜର ଇଚ୍ଛା ମୁତାବକ ବିଷୟ ପାଇପାରିଥାନ୍ତେ। ମାତ୍ର ତାଙ୍କର ଇଚ୍ଛା ବୈଜ୍ଞାନିକ ହେବା । ଏହା ଜାଣିବା ପାଇଁ ତାଙ୍କୁ ସାକ୍ଷାତ କରିଥିଲେ ଡ. ପ୍ରମୋଦ ଚନ୍ଦ୍ର ଦାଶ।)




ପ୍ର. ଅନେକ ଗୁଡ଼ିଏ ପୁରସ୍କାର ପାଇଛ। ବିଦ୍ୟାଳୟରୁ ପ୍ରଚେଷ୍ଟା ତୁମର ଥିଲା। ଏସବୁର ଶ୍ରେୟ କାହାକୁ ଯିବ?

ଉ. ମୋର ବାପା ମାଆ।

ପ୍ର. ବାପା ମାଆ ଇଚ୍ଛା କରୁଥିବେ ଇଂଜିନିୟରିଂ ପଢ଼ିବା ପାଇଁ । କାରଣ ସବୁ ବାପାମାଆଙ୍କର ଆଗ୍ରହ ପିଲା ଖୁବ କମ ଦିନରେ ରୋଜଗାରକ୍ଷମ ହେଉ। ଏବେ ତୁମେ ତୁମର ବାପାମାଆ ଯିଏ କି ତୁମ ଭାଷାରେ ତୁମର ପ୍ରେରଣା ତାଙ୍କୁ ଦୁଃଖିତ କରାଉ ନାହଁ?

ଉ. ଅନେକ ସମୟରେ ମାଆ ଏବଂ ବାପା ଅନେକଙ୍କ ସହ ଆଲୋଚନା କରନ୍ତି ଆଉ ମୋତେ ବୁଝାନ୍ତି ମାତ୍ର ଯେହେତୁ ମୋର ଇଚ୍ଛା ବୈଜ୍ଞାନିକ ହେବାକୁ ତେଣୁ ମୋ ଇଚ୍ଛା ବିରୁଦ୍ଧରେ ସେ ଯାଉ ନାହାଁନ୍ତି। ତେଣୁ ମୁଁ ବହୁତ ଖୁସି।

ପ୍ର. ଏଆଇଆର ର୍ୟାଙ୍କ ୨୭୮। ମାତ୍ର ଇଚ୍ଛା ବୈଜ୍ଞାନିକ, ଆଉ ସାଧାରଣ ପାଠ୍ୟକ୍ରମ। ସ୍ନାତକ, ସ୍ନାତ୍ତୋକତ୍ତର, ଏମଫିଲ୍, ପିଏଚ୍‌ଡି ଏ ସମସ୍ତ ପଢ଼ିବାକୁ କେତେ ସମୟ ଲାଗିବ ଜାଣିଛ। ଆଉ ତା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। କାହିଁକି ଟିକେ ଦିଗହରା ହେଲା ଭଳି ଲାଗୁନି?

ଉ. ସମସ୍ତେ ନିଜ ଇଚ୍ଛା ମୁତାବକ ପଢ଼ିବା ଉଚିତ। ମୋର ଇଚ୍ଛା ଯାହା ମୁଁ ସେଥିରେ ତତ୍ପର। ପିଲାଦିନରୁ ମୋର ଅନେକ ବିଷୟ ପଢ଼ିବା, ଜାଣିବା ଏବଂ ନୂଆ ଜିନିଷ କିଛି ବାହର କରିବା ପାଇଁ ଆଗ୍ରହ। ଯଦି ତାହା ହୁଏ ମୋର ସମାଜକୁ ମୁଁ କିଛି ଦେଇପାରିବି ବୋଲି ଭାବିବି। ଏବଂ ମୋର କର୍ତ୍ତବ୍ୟ କିଛି କଲି ବୋଲି ଜାଣିବି।

ପ୍ର. ମୁଁ ଜାଣିଛି ନିଜର କାମ ତୁମେ ଏବେ ସୁଦ୍ଧା କରିବାକୁ ଇଚ୍ଛା କରିନାହଁ। ସବୁବେଳେ ତୁମେ ତୁମର ବାପା ଏବଂ ମାଆଙ୍କ ଉପରେ ନିର୍ଭର କର। ଦେଖିଛି ଏବେ ବି ତୁମର ମାଆ ଆଉ ତୁମେ ଗେଲ ହବାର ଏବଂ ମାଆବି ତୁମକୁ ଖୁଆଇ ଦିଅନ୍ତି। ପଢ଼ିବାପାଇଁ ବାଙ୍ଗାଲୋର ଯିବ । ଏକୁଟିଆ ହେବ, ବାପାମାଆ ଗେଲ କରିବାକୁ ନଥିବେ। ମନେ ପଡ଼ିବେ। ଆବେଗାତ୍ମକ ସ୍ତରରେ ଅସ୍ଥିର ହେବାର ଅଛି। ଏହାକୁ ନିୟନ୍ତ୍ରଣ କରିପାରିବ ତ?

ଉ. ମୁଁ ଅନେକଥର ବାହାରକୁ ବିଭିନ୍ନ କ୍ୟାମ୍ପରେ ଯାଇଛି ସେଠାରେ ମୋର ନିଜ କାମ ମୁଁ ନିଜେ କରେ। ତଥାପି ଏତେ ଦିନ ରହିବାକୁ ନଥାଏ। ମାତ୍ର ଏବେ ମୁଁ ସେମାନଙ୍କୁ ଛାଡି ଯାଉଛି। ମୋର ମନ

ଏମାନଙ୍କ ପାଖରେ ରହିବ। ବାହାରେ ନିଜର କାମ ମୁଁ ନିଜେ କରିବାକୁ ଚେଷ୍ଟା କରିବି।

ପ୍ର. ନିଜର ଭଲ ଅଭ୍ୟାସ କ'ଣ ?

ଉ. ପ୍ରତିଦିନ ଠାକୁରଙ୍କ ପାଖରେ ୧୦ରୁ ୧୫ ମିନିଟ ପର୍ଯ୍ୟନ୍ତ ଧ୍ୟାନ କରିବା। ବାପାମାଆଙ୍କୁ ସବୁଦିନ ପ୍ରଣାମ କରେ। ଆଉ ଅନେକ ସମୟ ମୁଁ ସାଙ୍ଗସାଥିମାନଙ୍କର ଡାଉଟ୍ କ୍ଲିୟର କରେ। ବାହାରେ ବେଶି ବୁଲେନି। ସବୁବେଳେ ପଢ଼ାପଢ଼ିରେ ମନ ଦିଏ। ଅନ୍ୟମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା, ବିଶେଷ କରି ସାଇନ୍ସ ସମ୍ବନ୍ଧୀୟ ବିଭିନ୍ନ ପତ୍ରପତ୍ରିକା ଏବଂ ବୈଜ୍ଞାନିକମାନଙ୍କ ଜୀବନୀ ଅଧ୍ୟୟନ କରିବା, ସାଇନ୍ସ ରିପୋର୍ଟର, ଟାଇମ୍ସ୍ ଅଫ୍ ଇଣ୍ଡିଆ ଏବଂ ବିଭିନ୍ନ ବାୟୋଗ୍ରାଫି ଅଫ୍ ସାଇଣ୍ଟିଷ୍ଟ୍ ପଢ଼ିବା।

ପ୍ର. ଆଜି ଇଣ୍ଟରନେଟ୍ ଯୁଗ। ଇଣ୍ଟରନେଟ ତୁମେ ବ୍ୟବହାର କରୁଥିବ। ସୋସିଆଲ ନେଟ୍‌ୱାର୍କିଙ୍ଗରେ ବି ଆଇଡ଼ି ଥିବ। ତାକୁ କିପରି ବ୍ୟବହାର କର ?

ଉ. ମୁଁ କେବଳ ଇଣ୍ଟରନେଟକୁ ସର୍ଚ୍ଚ ଇଞ୍ଜିନ ରୂପେ ବ୍ୟବହାର କରେ। ଅନେକ ସମୟରେ ଅନେକ ବିଷୟ ଜାଣିବାକୁ ଏହା ସାହଯ୍ୟ କରିଥାଏ।

ପ୍ର. ତୁମର ମନ୍ଦ ଅଭ୍ୟାସ କ'ଣ ?

ଉ. ମୋର ମନ୍ଦ ଅଭ୍ୟାସ ମୋର ବାପା ମାଆ ଜାଣିଥିବେ। ତଥାପି ମୁଁ ଜାଣିବାରେ ମୁଁ ଟିକେ ଭାରି ତରତରିଆ। ଅନେକ ସମୟରେ ମୁଁ ନିଜେ କୌଣସି କାର୍ଯ୍ୟ ପାଇଁ ଅଧିକ ସଚେତନ ହୋଇଯାଏ।

ପ୍ର. ଓଡ଼ିଆ ଘରର ପୁଅ। ଓଡ଼ିଆ ଭାଷା ଜାଣିଛ । କାରଣ ଓଡ଼ିଆ ହେଉଛି ଏକ ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଭାଷା।

ଉ. ହଁ। ଓଡ଼ିଆ ସମ୍ବାଦ ପତ୍ର ପଢେ। ଆପଣଙ୍କର ଆମରିସତ୍ୟ ମୁଁ ପଢ଼େ। ବିଶେଷକରି ପଛପଟରେ ଥିବା ସାଧାରଣ ଜ୍ଞାନ ବିଷୟଗୁଡ଼ିକ।

ପ୍ର. ପିଲାଦିନୁ ଓଡ଼ିଆ ଭାଷାପ୍ରତି ଇଂରାଜୀ ମିଡ଼ିୟମ ପିଲାଙ୍କର ଅଧିକ ଆଗ୍ରହ ନାହିଁ। ଏହାର କାରଣ କ'ଣ ?

ଉ. ବିଦ୍ୟାଳୟରେ ଏହା ଉପରେ ଯେତିକି ଗୁରୁତ୍ୱ ଦିଆଯିବା କଥା ସେତିକି ଦିଆଯାଏ ନାହିଁ। ଯଦି ଦିଆଯାଉଥାନ୍ତା ତେବେ ପିଲାମାନେ ନିଶ୍ଚୟ ପଢ଼ନ୍ତେ।

ପ୍ର. ତୁମର ବୟସରେ ଥିବା ପିଲାମାନଙ୍କୁ ତୁମେ କ'ଣ କହିବ ?

ଉ. ଅଧିକାଂଶ ପିଲା ସୋସିଆଲ୍ ନେଟ୍‌ୱର୍କିଂରେ ଅଧିକ ସମୟ କଟାଇବା, ସାଙ୍ଗସାଥିମାନଙ୍କ ସହ ମସ୍ତି କରିବା, ଜିଦଖୋର ହେବା, ଏବଂ ଅନ୍ୟମାନଙ୍କୁ ଯେପରି ବ୍ୟବହାର ଦେଖାଇବା ସେପରି ଦେଖାନ୍ତି ନାହିଁ। ଏସବୁରୁ ନିବୃତ୍ତି ନିଶ୍ଚିତ ମାନସିକ ଶାନ୍ତି ଦେବ ଆଉ ଆଗକୁ ଯିବାକୁ ପ୍ରେରଣ ଦେବ।

ପ୍ର. ତୁମେ ଏତେ ପରୀକ୍ଷା ଦେବାକୁ କିପରି ସମୟ ପାଅ ? ଏହାଦ୍ୱାରା ନିଜର ବିଦ୍ୟାଳୟର ପାଠପଢାରେ କିଛି କ୍ଷତି ହୁଏନା ?

ଉ. ବିଦ୍ୟାଳୟର ପାଠ୍ୟକ୍ରମ ଅତି ସହଜ। ଯଦି ବିଷୟବସ୍ତୁ ସମ୍ପର୍କରେ ଧାରଣା ସ୍ପଷ୍ଟ ତେବେ ତେବେ କମ ସମୟରେ ବିଦ୍ୟାଳୟର ପାଠ ସରିଯାଏ । ଅନେକ ସମୟ ମିଳେ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ। ଯେ କୌଣସି ବିଷୟ ପଢ଼ି କନସେପ୍ଟ କ୍ଲିୟର୍ କରିବା ଦରକାର।

ପ୍ର. ଆଜିର ବାପାମାଆ ପିଲାମାନଙ୍କ ଉପରେ ସବୁ ଲଦି ଦିଅନ୍ତି। ଯୋଗ୍ୟତା ନଥିବ। ପିଲାକୁ ବାଧ୍ୟ କରାଯାଏ କୌଣସି ଏକ ବିଷୟ ପଢ଼ିବା ପାଇଁ । ଶେଷରେ ଦେଖା ଯାଇଛି ପିଲାର ଭବିଷ୍ୟତ ଅନ୍ଧାର। ତୁମର କଥାରେ ତୁମ ବାପାମାଆ ରାଜି। ଏବେ ତାଙ୍କ ହାତ ପାହାନ୍ତାରେ ତୁମେ ନାହଁ। ଅନେକ ସାଙ୍ଗସାଥି ମିଳିବେ । ନିଜର ଜୀବନର ଗତିପଥ ପରିବର୍ତ୍ତନ ହେବନି କି ଆଉ ବୈଜ୍ଞାନିକ ହେବାର ସ୍ୱପ୍ନ ମଉଳିବନି ତ ?

ଉ. ମୁଁ ବହୁତ ଖୁସି ମୋର ବାପା ମାଆ ମୋର ଇଚ୍ଛାକୁ ସ୍ୱୀକୃତି ଦେଇଛନ୍ତି। ଆଉ ମୁଁ ନିଜେ ମୋର ଇଚ୍ଛା ପୂରଣ କରିବି। ଭଗବାନ ଓ ପିତାମାତାଙ୍କର ଆଶୀର୍ବାଦ ମୋ ଉପରେ ଅଛି। ଆଉ ମୋର ଇଚ୍ଛାଶକ୍ତି ସୁଦୃଢ଼। ମୋର ସ୍ୱପ୍ନ କେବେ ମଉଳିବ ନାହିଁ। ମୁଁ ନିଶ୍ଚୟ ବୈଜ୍ଞାନିକ ହେବି।

ଧନ୍ୟବାଦ ରାଜ ଶେଖର (ଟିକୁନ୍) । ତୁମର ଆଶା ପୂରଣ ହେଉ। ତୁମର ଏ ସାକ୍ଷାତକାର ଅନ୍ୟକୁ ପ୍ରେରଣା ଦେଉ। ଆଉ 'ଆମରିସତ୍ୟ' ଦେଖୁ ଯେ ତୁମେ ଭବିଷ୍ୟତରେ ଏକ ବୈଜ୍ଞାନିକ ହୋଇ ସମାଜକୁ କିଛି ନୂଆ ସନ୍ଦେଶ ଦେଉଛ। 'ଆମରିସତ୍ୟ' ପରିବାରର ଶୁଭେଚ୍ଛା ତୁମ ସହ ଅଛି ଏବଂ ତୁ ବିକଶିତ ଭବିଷ୍ୟତରେ କୃତି ଓ କୀର୍ତ୍ତି ଛାପିବାକୁ ଅପେକ୍ଷା ରଖିଛି।

## ଆଉ ଏକ ସତ୍ୟ....

ଭାଗ୍ୟ ଉହାଡ଼ରୁ
ସଂଘର୍ଷ ଶୁଭୁଛି
ଜୀବନ ଶକ୍ତିର ଚିହ୍ନ
ପ୍ରୟାସ ପ୍ରକ୍ରିୟା
ଭିତରେ ଫୁଟିଛି
ସତ୍ୟ ଚେତନାର ଜହ୍ନ...

– ଶ୍ରୀ ରବୀନ୍ଦ୍ର ପ୍ରସାଦ ଚାନ୍ଦ